# ସବୁ ତୁମରି ପାଇଁ

ଭଗବାନଙ୍କୁ କିଏ ନ ଜାଣେ। ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସୁଖ ହେଉ ବା ଦୁଃଖ ହେଉ ଭଗବାନଙ୍କଠାରେ ନିଜକୁ ସମର୍ପିତ କରିଥାନ୍ତି। ମନର ବିଶ୍ୱାସ ହିଁ ପ୍ରଭୁଙ୍କ ପାଇଁ ପ୍ରକୃତ ଭକ୍ତି। ସେଥିପାଇଁ କୁହାଯାଏ, 'ମାନିଲେ ଠାକୁର ନ ମାନିଲେ ପଥର'। ଏହିପରି ମୋର ବାବାଙ୍କ ବିଷୟରେ ଛୋଟ ଅନୁଭୂତିଟିଏ।

୧୯୮୫ ମସିହା ଡିସେମ୍ବର ୨୬ ତାରିଖ ଦିନ କଟକର ଗୋଟିଏ ଛୋଟ ସଂସ୍ଥାରେ ମୁଁ ଚାକିରି କଲି। ସେଠି ସବୁ ମୋ ପାଇଁ ବନ ଜଙ୍ଗଲର ଘୋର ଅନ୍ଧକାର ପରି ଥିଲା। ଦିନେ ଅଫିସ୍‌ର ପାଖ ରୁମ୍‌ରେ ବସି ବାବାଙ୍କୁ ଜଣାଇଲି "ହେ ଭଗବାନ 'ବାବା' ତୁମରି ଶରଣରେ ଆସି ମୁଁ ଏଠି ଏତେ ଦୁଃଖରେ ରହିଛି। ଯଦି ମୁଁ ତୁମକୁ ଅନ୍ତରରେ ପୂଜା କରୁଥାଏ ତା'ହେଲେ ମୋତେ ଏହି ଦୁଃଖର ନଦୀରୁ ମୁକ୍ତ କର। ଏତିକି ତୁମ ପାଖରେ ମୋର ନିବେଦନ।" ଏହା ଭାବି ସେଦିନ ରାତିରେ ମୋତେ ନିଦ ହେଲା ନାହିଁ।

ତା'ପରଦିନ ଠିକ୍ ଦିନ ୧୨ଟା ସମୟରେ ମୋର ବଦଳି ହୋଇଥିଲା। ସେ ଦିନ ଥିଲା ୧୯୮୬ ମସିହା ଜୁନ୍ ୧୩ ତାରିଖ। ସେଦିନ ମୁଁ ଖୁସିରେ ଆତ୍ମହରା ହୋଇପଡ଼ିଲି। ମନେ ହେଲା ଯେପରି ବାବା ହିଁ ମୋତେ ହାତ ଧରି ରାସ୍ତା ପାରି କରାଇଥିଲେ। ସେହିଦିନ ମୁଁ ବାବାଙ୍କ ପାଖରେ ଋଣି ହୋଇ ଯାଇଥିଲି। ଜୀବନରେ ପ୍ରତ୍ୟେକ କ୍ଷେତ୍ରରେ ଦୁଃଖ ମିଳିଥିଲା ସତ, କିନ୍ତୁ ବାବାଙ୍କର ଆର୍ଶୀବାଦ ସବୁବେଳେ ମୋ ପାଖରେ ଥିଲା।

ସେହିପରି ପାରାଦ୍ୱୀପରୁ ମୁଁ ଥରେ ରାତିରେ ଫେରୁଥିଲି। ପାଖରେ କେହି ନ ଥିଲେ। ୧୯୮୯ ମସିହାର କଥା। ଲାଗୁଥିଲା ଯେପରି ଏକ ଭୟଙ୍କର ରାତ୍ରି ମୋ ପାଇଁ ଅପେକ୍ଷା କରିଥିଲା। ମନରେ ଥିଲା ଏକ ଅଜଣା ଭୟ, ଯିଏ ମୋତେ ପ୍ରତ୍ୟେକ ପାଦ ଆଗକୁ ବଢ଼େଇବାକୁ ଆଜ୍ଞା ଦେଉ ନ ଥିଲା। କିନ୍ତୁ ଏକ ଚମତ୍କାର ପରି ମୁଁ ବାଟରେ ବାବାଙ୍କ ମନ୍ଦିରର ଦର୍ଶନ ପାଇଲି। ସେଇଠି ସାଙ୍ଗେ ସାଙ୍ଗେ ମୋ ମନ ମତେ ଅଟକିବାକୁ କହିଲା। ସେଠି ଓହ୍ଲାଇ ମୁଁ ବାବାଙ୍କୁ ମନଧ୍ୟାନ ଦେଇ ପୂଜା କଲି ଯେ 'ପ୍ରଭୁ ମୁଁ ଭଲରେ ମୋ ଘରେ ପହଞ୍ଚିଯାଏ।' ସତକୁ ସତ ମୁଁ ଭଲରେ ଆସି ମୋ ଘରେ ସକାଳୁ ସକାଳୁ ପହଞ୍ଚିଗଲି।

ଜୀବନ ହେଉଛି ସୁନ୍ଦର। କିନ୍ତୁ ଯେପରି ସବୁ ଭଲ ହେବାକୁ ହେଲେ କିଛି କଷ୍ଟ ସହିବାକୁ ପଡ଼ିଥାଏ ଏବଂ ମୋର ବିଶ୍ୱାସ ଯେ ମୋତେ କଷ୍ଟରୁ ଦୂର କରିବା ପାଇଁ ମୋ ବାବା ମୋ ପାଖରେ ଅଛନ୍ତି। ମୁଁ ଏତିକି ଲେଖିବି, ବାବା ସବୁ କରୁଣା ତୁମର। ଆଜି ମୁଁ ଯାହା ଅଛି, ଯାହା ହେବାକୁ ଯାଉଛି ସବୁ ତୁମରି ପାଇଁ, ସବୁ ତୁମରି ପାଇଁ।

**ଓଁ ଶ୍ରୀ ସାଇରାମ୍**

**-ଜଗବନ୍ଧୁ ରାମ୍**

**ଏମ୍.ଆଇ.ଜି-୨, ୮୨/୬**

**ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**